## ପ୍ରାଥମିକ ମେଧାବୃତ୍ତି ପାଇଲେ ଅମିତ୍

କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ବ୍ଲକ ସୁନାରିଝୋଳା ପଞ୍ଚାୟତ ବେଲପୁର ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ଅମିତ ପ୍ରଧାନ ପ୍ରାଥମିକ ମେଧାବୃତ୍ତିରେ ସଫଳତା ପାଇଛନ୍ତି। ଏହି ଅବସରରେ ଅମିତଙ୍କୁ ଫୁଲଗଛ ଚାରା ପ୍ରଦାନ କରି ବିଦ୍ୟାଳୟରେ ସ୍ୱାଗତ କରାଯାଇଛି। ପୁଅର ସଫଳତା ପାଇଁ ବାପା ଟୁକୁନା ପ୍ରଧାନ ଓ ମା ନୁନି ପ୍ରଧାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହାୟକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଇଓ ଅଭିମନ୍ୟୁ ସାହୁ ଅମିତ୍ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



**ସଂକ୍ଷେପରେ**

### ପୋଡିଗଲା ୫ଭରଣର ଧାନଗଦା

ଶେରଗଡ଼, ୧୩।୧ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ରବିବାର ସକାଳୁ ଅଗ୍ନିକାଣ୍ଡ ଘଟି ୫ଭରଣର ଧାନ ଗଦା ପୋଡିଯାଇଛି। ଧାନ ଗଦା ମାଲିକ ବାବୁଲା ପଲେଇ ହିଞ୍ଜିଳି ଦମକଳ ବାହିନୀକୁ ଖବର ଦେବା ପରେ ଦମକଳବାହୀନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସେତେବେଳକୁ ସବୁ ଧାନ ପୋଡି ନଷ୍ଟ ହୋଇଯାଇଥିଲା। ବାବୁଲାଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

### ରାଜ୍ୟସ୍ତରୀୟ ଭାରୋତ୍ତୋଳନ: ଭାଗ ନେବେ ଗଞ୍ଜାମର ଡମ୍ବୁରୁ

ଗଞ୍ଜାମ, ୧୩।୧ (ବିଦ୍ୟାଧର ସାହୁ)

ଆସନ୍ତା ୧୭, ୧୮,୧୯ ତିନିଦିନ ଧରି ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭରୋତ୍ତୋଳନରେ ଭାଗ ନେବେ ଗଞ୍ଜାମ ସହରର ଓଡ଼ିଆ ପୁଅ ଜି ଡମ୍ବୁରୁଧର ରାଓ। ତେଇଶି ବର୍ଷ ସିନିୟର ପ୍ରତିଯୋଗିତାରେ ଭାଗ ନେବେ ଡମ୍ବୁରୁ। ଏଥିପାଇଁ ସେ ଦୀର୍ଘ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ହେବ କୋଚ ଜିତେଶ ଦାସଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଗଞ୍ଜାମ ଜିଲା ଶେରଗଡ଼ ପାୱାର ଲିଫ୍ଟ ସମ୍ପାଦକ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଡମ୍ବୁରୁଙ୍କ ବ୍ରହ୍ମପୁର ଅଞ୍ଚଳର ଆଶିଷ ସାହୁ ଓ ବରୁଣ ରାଓ ମଧ୍ୟ ଅଂଶ ଗ୍ରହଣ କରୁଛନ୍ତି। ଜିଲା ଓ ଜିଲା ବାହାରେ ଜିଲାର ସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତା ଗୁଡିକରେ ସେ ଅନେକ ସଫଳତା ହାସଲ କରିଛନ୍ତି।

### ବାହାରପୁରରେ ଧାନ ମଣ୍ଡି ଉଦ୍‌ଘାଟିତ

ଧରାକୋଟ, ୧୩।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ବାହାରପୁର ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ନୋଡାଲ ଅଧିକାରୀ ସୁନିଲ ଆଚାରି ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ଡାକ ଗୌଡ଼,ସମ୍ପାଦକ କାଳୀ ପ୍ରସାଦ ତ୍ରିପାଠୀ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଚାଷୀ ପ୍ରସନ୍ନ ପ୍ରଧାନ, ବିଦ୍ୟାଧର ପାଣିଗ୍ରାହୀ, ନବୀନ ଚନ୍ଦ୍ର ବିଶୋୟୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବାହାରପୁର ସମବାୟ ସମିତି ଅଧୀନରେ ପଞ୍ଚାୟତର ୨୧ଟି ଗାଁର ୫୩୧ ଜଣ ଚାଷୀ ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି କରିବେ।

### ଆନ୍ଧ୍ର-ଓଡ଼ିଶା ପୋଲିସର ଅବକାରୀ ଚଢ଼ାଉ

କାଶୀନଗର, ୧୩।୧ (ଟି.କ୍ରିଷ୍ଣା ରାଓ)

ଗଜପତି ଜିଲା କାଶୀନଗର ବ୍ଲକରେ ଦେଶୀ ମଦ କାରବାର ବଢି ଚାଲିଛି। ଏହାକୁ ଗୁରୁତ୍ୱ ଦେଇ ଅବକାରୀ କମିଶନର ଓ ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶରେ ଆନ୍ଧ୍ର ଓ ଓଡିଶା ଉଭୟ ରାଜ୍ୟର ଅବକାରୀ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ପାରଳାଖେମୁଣ୍ଡି ଓ କାଶୀନଗର ପୋଲିସ ସହାୟତାରେ ଏହି ଚଢ଼ାଉ ସମୟରେ ସିଂଗିପୁର, ସିରିଡ଼ା, ଗୁର୍ସିଙ୍ଗିଗୁଡା, ତାମିଲିଗୁଡା,ନେରେ ପ୍ରଭୃତି ଅଞ୍ଚଳରୁ ୭୪୦୦ ଲିଟର ପୋଚ ଓ ୧୧୪୦ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରା ଯାଇଛି। ଏଥିରେ ଓଡିଶାର ୩୨ ଓ ଆନ୍ଧ୍ରର ୩୨ ଜଣ ଅବକାରୀ ଓ ପୋଲିସ ଅଧିକାରୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ। ଗଜପତି ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ ସାହୁ ଓ ସହକାରୀ ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ଗଞ୍ଜାମ ଜିଲାରେ ଧାନକିଣା ଧିମା

- ୧୦ ଦିନରେ ୬୫୧ ଚାଷୀଙ୍କଠୁ କିଣାଯାଇଛି
- ପାଲ ତମ୍ବୁ ତଳେ ଚାଲିଛି ମଣ୍ଡି

ଛତ୍ରପୁର, ୧୩।୧ (ସନ୍ତୋଷ ପାଢୀ): ଗଞ୍ଜାମ ଜିଲାରେ ଗତ ୩ ତାରିଖରୁ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଥିଲା। ତେବେ ଜିଲାରେ ଚାଷୀଙ୍କଠାରୁ ଧାନ କିଣା ବହୁତ ଧିମା ରହିଥିବା ଖାଦ୍ୟ ଓ ଯୋଗାଣ ବିଭାଗର ଅନଲାଇନ୍ ରିପୋର୍ଟରୁ ଜଣାପଡିଛି । ରିପୋର୍ଟ ଅନୁସାରେ ୧୦ ଦିନ ମଧ୍ୟରେ ମାତ୍ର ୬୫୧ ଜଣଙ୍କଠାରୁ ପ୍ରଶାସନ ଧାନ କିଣିଛି । ଏହି ଚାଷୀମାନେ ୨୦୨ ପ୍ରାଥମିକ କୃଷି ସମବାୟ ସମିତି ଓ ୫୬ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ମାଧ୍ୟମରେ ୩୪୬୬୦.୫୬ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଚଳିତବର୍ଷ ଜିଲାର ୧ ଲକ୍ଷ ୪୬ ହଜାର ଚାଷୀ ଖରିଫ ଧାନ ସରକାରୀ ସଂସ୍ଥାକୁ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ତେବେ ଏଥିରୁ ୧ ଲକ୍ଷ ୪୪ ହଜାର ୨୩୪ ଜଣ ଚାଷୀଙ୍କ କାଗଜପତ୍ର ଯାଞ୍ଚ କରାଯାଇଛି। ପୂର୍ବରୁ ଡିସେମ୍ବର ୨୩ ତାରିଖରୁ ଜିଲାରେ ଧାନ କିଣାଯିବା ପାଇଁ ସ୍ଥିର ହୋଇଥିଲା। ମାତ୍ର ୩ ଦିନ ଧରି ଅଦିନିଆ ବର୍ଷା ଏବଂ ପରେ ପରେ ପୁଣି ଲଘୁଚାପ ବର୍ଷା ସମ୍ଭାବନା ଥିବାରୁ ଧାର୍ଯ୍ୟ ଦିନକୁ ଘୁଞ୍ଚାଇ ଜାନୁଆରୀ ୩ରୁ ଧାନମଣ୍ଡି ଖୋଲିଲା। ଅଦିନିଆ ବର୍ଷାରେ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବାରୁ କ୍ଷତିପୂରଣ ଦେବା ଲାଗି ସରକାର ଘୋଷଣା କରିଛନ୍ତି। ତେବେ ଧାନକିଣା ବେଳେ ଏଫଏକ୍ୟୁ ମାନ କୋହଳ ହୋଇପାରିବନି ବୋଲି ଯୋଗାଣ ମନ୍ତ୍ରୀ କହିଥିବାରୁ ଚାଷୀ ଏବେ ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲା ଛତ୍ରପୁରକୁ ଆସି କ୍ଷତି ହୋଇଥିବା ଧାନ ଫସଲ ଦେଖିବା ସହ ଧାନକୁ ଶୁଖାଇ ଦିଅ, ସମସ୍ତଙ୍କ ଧାନ କିଣାଯିବ ବୋଲି ଚାଷୀମାନଙ୍କୁ କହିଥିଲେ। ଜିଲାର ଅଧିକାଂଶ ସ୍ଥାନରେ ଅମଳ ହୋଇଥିବା ଧାନ ଗମ୍ବୁ ହୋଇଯାଇଛି । ଏହି ଧାନ କିଣିବା ପାଇଁ ସରକାରୀ ସଂସ୍ଥା ଅମଙ୍ଗ ହେଉଛି। ବିଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ଚାଷୀ ସଙ୍ଗଠନ ଧାନର ଏଫଏକ୍ୟୁ ମାନ କୋହଳ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଏପରିକି ଭଲ ଧାନକୁ କିଣିବାରେ କଟନି ଛଟନି କରାଯାଉଥିବା ଏବଂ ୨ରୁ ୫ କି.ଗ୍ରା. ଅଧିକ ଧାନ ଚାଷୀଙ୍କ ଠାରୁ ନିଆଯାଉଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ସୋମବାର ଛତ୍ରପୁର ବ୍ଲକ ବିପୁଲିଙ୍ଗି ସୋସାଇଟି କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ସେପଟେ ପ୍ରଶାସନ ପକ୍ଷରୁ କାଁଭାଁ ସ୍ଥାନରେ ଧାନ ମଣ୍ଡି ଖୋଲି ଦିଆଯାଇଛି । ଏବେ ବି ଅନେକ ସଂସ୍ଥାକୁ ଟାର୍ଗେଟ ଆସି ନ ଥିବାରୁ ଧାନ ଗଦା ହୋଇରହିଛି। ଜିଲାର ବିଭିନ୍ନ ସ୍ଥାନରେ ପାଲ ତମ୍ବୁ ତଳେ ଧାନମଣ୍ଡି ଖୋଲିଥିବା ଦେଖାଯାଇଛି। ତମ୍ବୁ ତଳେ ଧାନ ଗଦା କରି ଚାଷୀମାନେ ଚିନ୍ତାରେ ରହିଛନ୍ତି।

ଚଳିତବର୍ଷ ଜିଲାରେ ଚାଷୀଙ୍କ ଠାରୁ ୪୪ ଲକ୍ଷ ୮୧ ହଜାର ୭୬୧ କୁଇଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ଆସିଛି । ୩୬୫ଟି ପ୍ରାଥମିକ କୃଷି ସମବାୟ ସମିତି, ୧୧୭ ଟି ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଞ୍ଚାୟତ ଚାଷୀଙ୍କଠାରୁ ଧାନ କିଣିବେ । ଧାନ କିଣାଯିବା ପରେ ଏହାକୁ ନେଇ ମିଲିଂ କରି ଚାଉଳ ଦେବାକୁ ୩୬୧ ଜଣ ମିଲର ଯୋଗାଣ ବିଭାଗ ନିକଟରେ ପଞ୍ଜୀକୃତ ହୋଇଛନ୍ତି।

## ମୃତ ଚାଷୀ ପରିବାରକୁ ବିଧାୟକଙ୍କ ସହାୟତା
### ମୃତ୍ୟୁର କାରଣ ଖୋଜିଲା ପ୍ରଶାସନ



ଚେକ ପ୍ରଦାନ କରାଯାଉଛି।

ଛତ୍ରପୁର, ୧୩।୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ କତୁରୁ ଗ୍ରାମର ଚାଷୀ ପି. ଈଶ୍ୱର ରେଡ୍ଡୀଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଥିଲା। ସୋମବାର ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୨୦ ହଜାର ଟଙ୍କାର ଆର୍ଥିକ ସାହାୟତା ପ୍ରଦାନ କରିଛନ୍ତି। ଏଥିସହ ତହସିଲଦାରଙ୍କ ସହ ସେ ଆଲୋଚନା କରି ରେଡ୍‌କ୍ରସ ପାଣ୍ଠିରୁ ୩୦ହଜାର ଟଙ୍କାର ସହାୟତା ମଧ୍ୟ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଈଶ୍ୱରଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଏକ ପ୍ରଶାସନିକ ଟିମ କତୁରୁ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ପୁଅ ଚିତ୍ତରଞ୍ଜନ ରେଡ୍ଡୀ କହିଛନ୍ତି, ଧାନଚାଷ ପାଇଁ ବାପା ଋଣ ଆଣିଥିଲେ। ଋଣ ଶୁଝିବା ଚିନ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ଚାଷଋଣ ଛାଡ଼ କରିବା ପାଇଁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବିପୁଲିଙ୍ଗି ପଞ୍ଚାୟତ କତୁରୁ ଗ୍ରାମର ଚାଷୀ ଈଶ୍ୱର(୭୧) ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ଛତ୍ରପୁର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିବା ବେଳେ ଶୁକ୍ରବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଈଶ୍ୱରଙ୍କ ପରିବାର ଲୋକଙ୍କ କହିବା ଅନଯାୟୀ, ଚଳିତ ବର୍ଷ ଧାନକଟା ସମୟରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ଅମଳ କମ୍ ହୋଇଥିଲା। ଈଶ୍ୱର ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ। ଆଶା ଠାରୁ କମ ଧାନ ଅମଳ ଦେଖି ସେ ଚିନ୍ତାରେ ରହୁଥିଲେ। ତେଣୁ ଦେହ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

# ମଣ୍ଡିରୁ ଉଠୁନି ଧାନ, କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଛତ୍ରପୁର, ୧୩।୧ ( ଦିଲ୍ଲୀପ ସାମଲ)

ଚଳିତ ମାସ ୩ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଗଞ୍ଜାମ ଜିଲାର ୪୭୮ ଶୋସାଇଟ ସାମିଲ ହୋଇଛନ୍ତି। ସେଥିମଧ୍ୟରୁ ୩୬୬ ସେବା ସମାବୟ ସମିତି, ୧୧୧ଟି ସ୍ୱୟଂସହାୟକ ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲାଯାଇଥିବା ବେଳେ ଧାନ ଉଠୁନାହିଁ। ଛତ୍ରପୁର ବ୍ଲକ ବିପୁଲିଙ୍ଗି ସେବା ସମବାୟ ସମିତିରେ କଟିନ ଛଟନି, ଟୋକେନ



ଆସିଥିବା ଚାଷୀଙ୍କ ଧାନ କିଣା ଯାଉନାହିଁ। ୭୫ କେଜି ଧାନ ବସ୍ତାରେ ୨ କେଜି ଅଧିକ ମାଗିବା ସମେତ ବ୍ୟାପକ ଅନିୟମିତତା ନେଇ ଚାଷୀ ତାତିବା ସହ ସୋମବାର ଉକ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଏହି ସେବା ସମବାୟ ସମିତିରେ ୬୨୫ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ବହୁ ଚାଷୀଙ୍କ ଟୋକେନ ୩ରୁ ୪ ତାରିଖରୁ ଆସିଥିବା ବେଳେ ସେମାନଙ୍କ ଧାନ କିଣା ଯାଉନଥିବା କହିଥିଲେ। ଏପରିକି କୌଣସି ନୋଡାଲ ଅଫିସରଙ୍କର ମଧ୍ୟ ଦେଖାନାହିଁ। ଚାଷୀଙ୍କୁ କି ମାନର ଧାନ ଆଣିବାକୁ ପଡ଼ିବ ତାହା ବି ସଠିକ ସୂଚନା ଦେଉ ନାହାନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

## ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବାର୍ଷିକୋତ୍ସବ

ରମ୍ଭା, ୧୩।୧ (ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ପାଲୁରଗଡ଼ ମଦନମୋହନ ମନ୍ଦିର ନିକଟସ୍ଥ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ଉପଲକ୍ଷେ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାଲୁରଗଡ଼ ମହାରାଜା ରଜତ ଚନ୍ଦ୍ର ଦେଓ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଏବଂ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସାମନ୍ତ କଲ୍ୟାଣ ରଣସିଂ, ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାନନ ସେଠୀ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ରେଡ୍ଡୀ, ବରିଷ୍ଠ ଆଇନଜୀବୀ ପ୍ରଦୀପ ପାଢ଼ୀ, ଭାଜପା ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଶେଷରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ତେଲୁଗୁ ସମ୍ପ୍ରଦାୟର ପୋଙ୍ଗଲ ପର୍ବ ଆରମ୍ଭ

ପାରଳାଖେମୁଣ୍ଡି, ୧୩।୧ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସହରରେ ତେଲୁଗୁ ଭାଷାଭାଷୀର ଲୋକେ ରହୁଥିବାରୁ ଉଭୟ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟ ମିଶି ଏଠାରେ ଭୋଗି ଉତ୍ସବ ପାଳନ କରନ୍ତି। ଆସନ୍ତାକାଲି ପବିତ୍ର ମକର ସଂକ୍ରାନ୍ତି ପାଳନ କରିବାକୁ ଉଭୟ ସମ୍ପ୍ରଦାୟ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି। ଏହି ପର୍ବକୁ ତେଲୁଗୁ ସମ୍ପ୍ରଦାୟର ଲୋକେ ୪ ଦିନ ଧରି ପାଳନ କରିଥାନ୍ତି। ଜିଲାର ସମସ୍ତ ବ୍ଲକରେ ପାଳନ ହେଉଥିବା ଏହି ପର୍ବ ପାଇଁ ବାହାରେ ଥିବା ଜ୍ଞାତି ପରିବାର ଲୋକେ ଘରକୁ ଆସିଥାନ୍ତି। ମକର ଉତ୍ସବକୁ ଓଡିଆମାନେ ମକର ଚାଉଳ ଭୋଗ ଲାଗି କରି ପାଳନ କରୁଥିବା ବେଳେ ଏହାକୁ ତେଲୁଗୁମାନେ ପୋଙ୍ଗଲ ର୍ପବ ଭାବେ ମଧ୍ୟ ତାଙ୍କ ରୀତିରେ ପାଳିଥାନ୍ତି। ଏହି ପର୍ବର ପ୍ରଥମ ଦିନକୁ ଭୋଗି କୁହାଯାଇଥାଏ। ରବିବାର



ରବିବାର ବିଳମ୍ବିତ ରାତିରେ ଅଗ୍ନି ଜଣାଇ ତେଲୁଗୁ ସମ୍ପ୍ରଦାୟର ଲୋକେ ଆରମ୍ଭ କରିଥିବା ଭୋଗି ଉତ୍ସବ।

ବିଳମ୍ବିତ ରାତିରେ ବଡବଡ କାଠଗଣ୍ଡିରେ ନିଆଁ ଲଗାଇ ଅଗ୍ନି ଦେବତାଙ୍କୁ ପୂଜାର୍ଚ୍ଚାନା କରାଯାଇଥିଲା। ଦ୍ୱିତୀୟ ଦିନରେ ସେମାନେ ପାଣ୍ଡୁକୁ ପାଳନ କରିଥାନ୍ତି। ଏହି ଦିନ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରାଯାଇଥାଏ। ସେହିଭଳି ତୃତୀୟ ଓ ଚତୁର୍ଥ ଦିନ କାନୁମୁ ଓ ମୁକାନୁମୁ ଭାବେ ପାଳନ ହୋଇଥାଏ। ଏହି ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖାଇବାର ମଜା ଉଠାଇଥାନ୍ତି। ଏହି ଉତ୍ସବ ପାଳନର ୨ଟି କାରଣ ରହିଥିବା କୁହାଯାଏ। ପିତୃପୁରୁଷଙ୍କ ପିଣ୍ଡଦାନ ପାଇଁ ଏହାକୁ ପାଳନ କରାଯାଉଥିବା ବେଳେ ଅନ୍ୟଟି ହେଉଛି ନୂତନ ଭାବେ ଅମଳ ହୋଇଥିବା ଫସଲକୁ ଠାକୁର ଏବଂ ପିତୃ ପୁରୁଷଙ୍କ ନିକଟରେ ଲାଗି କରିବା ପାଇଁ ଏହାକୁ ପାଳନ କରାଯାଇଥାଏ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଖଜୁରିପଡ଼ା, ୧୩।୧ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକର ସଭାଗୃହ ଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। କିନ୍ତୁ କୌଣସି କାରଣ ବଶତଃ ଜିଲାପାଳ ଉକ୍ତ ଶିବିରରେ ଉପସ୍ଥିତ ନ ଥିବାରୁ ସିଡ଼ିଓ ଶମ୍ଭୁନାଥ ନନ୍ଦୀ ବ୍ଲକ ଗସ୍ତରେ ଆସି ୬୦ ଅଭିଯୋଗ ଗ୍ରହଣ କରିଛନ୍ତି। ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୧ ରହିଥିବା ବେଳେ ସାମୁହିକ ଅଭିଯୋଗ ୯ଟି ରହିଛି ବୋଲି ବରିଷ୍ଠ କିରାଣୀ ପବିତ୍ର କୁମାର୍ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରକ୍ଷୀ ଅଧିକାରୀ ହରିଶ୍ ବିଶି ଉପ ଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଯୋଗାଣ ନୀରିକ୍ଷକ ପ୍ରୀତି ରଞ୍ଜନ ବିଶ୍ୱାଳ ସହକାରୀ ଯନ୍ତ୍ରୀ ସୁଭସ୍ମିତା ନାଥ, କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ଲେଙ୍କା, ଜିପିଓ ସୋନମ୍ ବେହେରା, ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## କଲେଜ ପରିଚାଳନା କମିଟି ସଭାପତିଙ୍କୁ ସ୍ୱାଗତ



କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଭଞ୍ଜନଗର, ୧୩।୧ (ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭାବେ ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀ ନିଯୁକ୍ତ ହୋଇଛନ୍ତି। ସୋମବାର କଲେଜରେ ନବ ନିଯୁକ୍ତ ସଭାପତିଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ହୋଇଥିଲା। କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ଅନିଲ କୁମାର ସେଠୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଆସନ୍ତା ୩୦ ଓ ୩୧ ତାରିଖ ଦୁଇଦିନ ନାକ୍ ଟିମ୍ ଭଞ୍ଜନଗର କଲେଜ ଗସ୍ତରେ ଆସିବ। ଉକ୍ତ ଗସ୍ତକୁ ସଫଳ କରିବା ପାଇଁ ଉପ ଜିଲାପାଳ ସମସ୍ତ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, କଲେଜ ଅଧ୍ୟକ୍ଷଙ୍କ ସହ ବସି କଲେଜର ଉନ୍ନତୀ ପାଇଁ ଆଲୋଚନା କରିଛି ବୋଲି ସେ କହିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ଡ଼.ରବିନ୍ଦ୍ର ମିଶ୍ର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସେଫାଳୀ ପଟ୍ଟନାୟକ, ମୁଖ୍ୟ କିରାଣୀ ଦାମୋଦର ରଥ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବିବେକାନନ୍ଦଙ୍କ ଜୟନ୍ତୀ, ଯୁବ ଦିବସ ପାଳିତ

ବାଲିଗୁଡା, ୧୩।୧ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଡୁମୁଡିବନ୍ଧସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳପଦର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ପାଟମାଝୀ ଯୋଗଦେଇ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରି ଥିଲେ। ବିବେକାନନ୍ଦଙ୍କ ଚିନ୍ତା ଓ ବିଚାରଧାରାର ପ୍ରଚାରପ୍ରସାର ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଶିକ୍ଷାକେନ୍ଦ୍ର ପରିଚାଳନା ସମିତି ସଭାପତି ପଞ୍ଚାନନ ଗୌଡ଼, ସମ୍ପାଦକ ଅସିତ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନାଚାର୍ଯ୍ୟା ସୁଚିତ୍ରା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଲେ ଯୁବଗୋଷ୍ଠୀ

ଜି.ଉଦୟଗିରି, ୧୩।୧ (ଚିନ୍ମୟ କୁମର ସେଠୀ)

ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଳିଙ୍ଗା ପଞ୍ଚାୟତର ଗଦିଙ୍ଗିଆ ଗାଁରେ ୨୦ ଅକ୍ଟୋବର ୨୦୨୨ରେ ପରିବର୍ତ୍ତନ ମେଳା ଅନୁଷ୍ଠିତ ହୋଇଥିଲା। ସେହି କାର୍ଯ୍ୟକ୍ରମରେ ଗଦିଙ୍ଗିଆ ଗ୍ରାମରେ ଅତ୍ୟାବଶ୍ୟକ ପକ୍କା ସଡ଼କ ନ ଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଲିଖିତ ଅଭିଯୋଗ ପତ୍ର ସ୍ଥାନୀୟ ବିଡ଼ିଓଙ୍କୁ ପ୍ରଦାନ କରିଥିଲେ। ଆୟୋଜକ ବିଡିଓ, ଜିଲାପାଳଙ୍କ ବଦଳି ହୋଇଯାଇଛି ହେଲେ ସ୍ଥାନୀୟ ଜନ ପ୍ରତିନିଧି ବର୍ତ୍ତମାନ ମଧ୍ୟ ଅଛନ୍ତି କିନ୍ତୁ ତାଙ୍କ ଦ୍ୱାରା କିଛି ଉପକାର ମିଳିଲା ନାହିଁ। ଅନ୍ୟ ସମସ୍ୟା କଥା ଦୂରେ ଥାଉ କିନ୍ତୁ ସମସ୍ତଙ୍କ ପାଇଁ ସବୁଠାରୁ ଅତ୍ୟାବଶ୍ୟକ ଗାଁକୁ ପକ୍କା ସଡ଼କଟିଏ ପ୍ରଶାସନ ତରଫରୁ ନିର୍ମାଣ କରାଯାଇପାରିଲା ନାହିଁ ବୋଲି କ୍ଷୁବ୍ଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତା'ସହ ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା ପକ୍କା ସଡ଼କ



କାମକୁ ଗାଁର ଯୁବ ଗୋଷ୍ଠୀ ନିଜ ଖର୍ଚ୍ଚରେ ନିଜେ ପରିଶ୍ରମ କରି ତିଆରି କରୁଥିବା ଦେଖିବାକୁ ମିଳିଛି। ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଆଜି ମଧ୍ୟ ବିଭିନ୍ନ ଗାଁ କୁ ପକ୍କା ସଡ଼କ ନାହିଁ ପୂର୍ବ ସରକାର ଗମନାଗମନର ସୁବିଧା ପାଇଁ ବିଭିନ୍ନ ଯୋଜନାରେ ସ୍ଥାନୀୟ ଉନ୍ନୟନ କାର୍ଯ୍ୟାଳୟକୁ ଯଥେଷ୍ଟ ପାଣ୍ଠି ଦେବା ସତ୍ତ୍ୱେ ଯନ୍ତ୍ରୀ ଠାରୁ ଆରମ୍ଭ କରି ଉଚ୍ଚ ପଦସ୍ଥ ଅଧିକାରୀ ନିଘୋଡ଼ ନିଦରେ

**ଠକିଦେଲେ ପ୍ରଶାସନିକ ଅଧିକାରୀ**

ଶୋଇ ରହିଛନ୍ତି। ନେତା ମନ୍ତ୍ରୀ ପ୍ରତିଶ୍ରୁତି ଭାଙ୍ଗିବା ସ୍ୱାଭାବିକ କିନ୍ତୁ ଜନତାଙ୍କ ପଇସାରୁ ଜନସାଧାରଣଙ୍କ ସେବା ନିମନ୍ତେ ଚାକିରି କରୁଥିବା ପ୍ରାଶାସନିକ ଅଧିକାରୀ ମାନେ ଗାଁ ଲୋକଙ୍କ ସମ୍ମୁଖରେ ଦେଇଥିବା ପ୍ରତିଶ୍ରୁତି ଭାଙ୍ଗିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି।

## ଖ୍ରୀଷ୍ଟିୟ ଉଦଯୋଗ ସମିତି ସମ୍ମିଳନୀର ବାର୍ଷିକ ସଭା

ଗୁମ୍ମା, ୧୩।୧ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀ ଅନ୍ତର୍ଗତ ଉତ୍କଳ ବାପଟିଷ୍ଟ ମଣ୍ଡଳୀ ଗୁମ୍ମା ଖ୍ରୀଷ୍ଟିୟ ଉଦଯୋଗ ସମିତି ଆୟୋଜନରେ ଉଦଯୋଗ ସମିତି ସମ୍ମିଳନୀର ୬୯ତମ ବାର୍ଷିକ ଦୁଇଦିନିଆର ସଭା ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ ପାଣିଗ୍ରାହୀ ଯୋଗଦାନ କରି ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଅନୁସାରେ ପରସ୍ପର ଭାତୃଭବ, ସମସ୍ତେ ପ୍ରେମ, ସ୍ନେହରେ ବଞ୍ଚିବା ବୋଲି ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ପାଳକ ଆଚାର୍ଯ୍ୟ ଇସ୍ରାଏଲ ଲିମ୍ମା ପତାକା ଉତ୍ତୋଳନ, ପାଳକ ଆଚାର୍ଯ୍ୟ ସବୁଲନ ପାଣି ପ୍ରଦୀପ ପ୍ରଜ୍ୱଳନ ଏବଂ ଉପହାର ଅନୁଷ୍ଠାନ ନିର୍ଦ୍ଦେଶକ ପାଳକ ଆଚାର୍ଯ୍ୟ ରଜତ ପାଣି ଓ ହେଲପିଙ୍ଗ୍ ପଏଣ୍ଟ ନିର୍ଦ୍ଦେଶକ ପାଳକ ଆଚାର୍ଯ୍ୟ ବିଦ୍ୟୁତ ସିଂ ଉଦ୍‌ଘାଟନ କରି ଶୁଭାରମ୍ଭ କରିଥିଲେ।

# ନୂତନ ବ୍ଲକ ଗଠନ ଦାବି ନେଇ ବୈଠକ

ରାମଗିରି, ୧୩।୧ (ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ନୂତନ ପଞ୍ଚାୟତ ସମିତି ଗଠନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ବଦଳିବା ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ନୂତନ ପଞ୍ଚାୟତ ସମିତି ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନରେ ପଞ୍ଚାୟତ ଚଳଚଞ୍ଚଳ ହୋଇପଡ଼ିଛି। ଦୀର୍ଘ ୪୦ ବର୍ଷ ପୂର୍ବେ ରାଜ୍ୟରେ ୧୦ଟି ନୂତନ ବ୍ଲକ ଗଠନ ହୋଇଥିଲା। ପୂର୍ବ ସରକାରଙ୍କ ଶାସନ କାଳ ମଧ୍ୟରେ ୨୦୧୦ ଏବଂ ୨୦୧୮ରେ ଦୁଇଥର ରାମଗିରିଠାରେ ନୂତନ ବ୍ଲକ ଗଠନ କରିବା ପାଇଁ ଦାବି ହୋଇଥିଲା କିନ୍ତୁ କିଛି କାର୍ଯ୍ୟକାରୀ ହୋଇ ନ ଥିଲା। ରାୟଗଡ଼, ନୂଆଗଡ଼ ଓ ଆର.ଉଦୟଗିରି ବ୍ଲକ୍ ଭଳି ୩ଟି ବ୍ଲକର କେନ୍ଦ୍ରସ୍ଥଳୀ ରାମଗିରିକୁ ବ୍ଲକ୍ ମାନ୍ୟତା ଦାବି ଜୋର୍ ଧରିଛି। ରବିବାର ପୂର୍ବତନ ଜିଲାପରିଷଦ ତାରିଣୀ ଚରଣ ଗୌଡ଼ଙ୍କ ଆହ୍ୱାନରେ ଓ ରାମଗିରି ଗ୍ରାମପଞ୍ଚାତ ସରପଞ୍ଚ ସସ୍ମିତା କାର୍ଜିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ୨ଟି ବ୍ଲକର ୧୧ଟି ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବ୍ୟବସାୟ ନିମନ୍ତେ ରାମଗିରି ଉପରେ ନିର୍ଭର କରନ୍ତି।

ରାମଗିରିଠାରେ ବ୍ଲକ୍ ପ୍ରତିଷ୍ଠା ହେଲେ ଏହି ସବୁ ପଞ୍ଚାୟତଗୁଡ଼ିକ ବ୍ଲକ୍‌ଠାରୁ କେବଳ ୧୦କିମି ଦୂରତ୍ୱରେ ରହି ସରକାରଙ୍କ ସମସ୍ତ ସୁବିଧା ପ୍ରାପ୍ତ ହୋଇପାରିବେ। ଏହି ଦାବି ଉପସ୍ଥାପନ କରିବା ପାଇଁ ରାମଗିରିସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଏହି ୧୧ଟି ପଞ୍ଚାୟତର ଜନପ୍ରତିନିଧି ତଥା ବର୍ତ୍ତମାନ ଓ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ, ୱାର୍ଡସଭ୍ୟ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ଅନେକ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଏକ ୧୧ ଜଣିଆ କମିଟି ଗଠନ କରାଗଲା। କମିଟି ମଧ୍ୟରେ ସଭାପତି ଭାବେ ତାରିଣୀ ଚରଣ ଗୌଡ଼, ଉପସଭାପତି ଭାବେ କିଶୋର ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଶନ୍ନ ଦଳାଇ, ସହସମ୍ପାଦକ ରଘୁନାଥ ବଡମୁଣ୍ଡି, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦଳାଇ, ସଦସ୍ୟ ଭାବେ ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡି, ବନ୍ଦନା ବଡମୁଣ୍ଡି, ନାରାୟଣ ନାୟକ, ମହେଶ୍ୱର ମଣ୍ଡଳ, ହେରଦ ଚନ୍ଦ୍ର ଆନନ୍ଦ, କୁମୁଦିନୀ ବେହେରାଙ୍କୁ ଚୟନ କରାଯାଇ ଏହି କାର୍ଯ୍ୟରେ ସହଯୋଗ କରିବା ଲାଗି ଶପଥ ନେଇଥିଲେ।

## ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ୨ ଗୁରୁତର

ଫୁଲବାଣୀ,(ରାକେଶ କୁମାର ରାଉତ):ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଭେଟଖୋଲ ଘାଟି ହନୁମାନ ମନ୍ଦିର ପଛପାଖ ପାଣ୍ଡୁଲି ସାହି ନିକଟରେ ତିନିଜଣ ଅଜଣା ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଫୁଲବାଣୀ ମୁଖ୍ୟଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ସେମାନେ ହେଲେ ସଞ୍ଜୟ ପ୍ରଧାନ ଓ ରାଜା ମହାନନ୍ଦିଆ। ସଞ୍ଜୟଙ୍କ ଘର ଖଜୁରୀପଡା ଥାନା ଅଞ୍ଚଳର ହୋଇଥିବା ବେଳେ ରାଜା ମହାନନ୍ଦିଆଙ୍କ ଘର ଫୁଲବାଣୀ ଥାନା ଜିରିଂପଡ଼ାର ବୋଲି ଜଣାପଡିଛି।



## ଭାରୋତ୍ତୋଳନ ପ୍ରତିଯୋଗିତା ବାଲିପଦର କଲେଜ ଛାତ୍ରଙ୍କ କୃତିତ୍ୱ

ବୁଗୁଡା,୧୩।୧(କାଳିଚରଣ ଦାଶ): ସର୍ବଭାରତୀୟ ଉତ୍ତର-ପୂର୍ବକ୍ଷେତ୍ରସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ବାଲିପଦର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଛାତ୍ର ଦାମୋଦର ପାଣିଗ୍ରାହୀ ରୌପ୍ୟ ପଦକ ହାସଲ କରି ବୁଗୁଡା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପଞ୍ଜାବର ଲଭଲି ପ୍ରଫେସନାଲ ୟୁନିଭରସିଟି ପରିସରରେ ଆୟୋଜିତ ପ୍ରତିଯୋଗିତାରେ ଦାମୋଦର ଅଂଶ ଗ୍ରହଣ ସ୍ନାଚରେ ୧୧୬ କିଗ୍ରା ଏବଂ କ୍ଲିନ୍ ଏଣ୍ଡ୍ ଜର୍କରେ ୧୫୦ କିଗ୍ରା ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ। ଏହି କୃତିତ୍ୱ ଯୋଗୁ ବିଭିନ୍ନ ମହଲରୁ ସେ ପ୍ରଶଂସିତ ହୋଇଛନ୍ତି।

# ପରିବେଶ ସୁରକ୍ଷା ପାଇଁ ସଂକଳ୍ପ

ବ୍ରହ୍ମପୁର, ୧୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜର ଫାର୍ମାସୀ ଅଫିସର ସୁଶାନ୍ତ କୁମାର ପ୍ରଧାନଙ୍କ ସହଯୋଗରେ ଗୋପାଳପୁର ବେଳାଭୂମି ଠାରେ ରାଷ୍ଟ୍ରୀୟ ଯୁବ ଦିବସରେ ବେଳାଭୂମି ସଫେଇ କାର୍ଯ୍ୟ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରୋଲାଣ୍ଡ ଫାର୍ମାସି କଲେଜର ଅଧ୍ୟକ୍ଷ ଡଃ ବି ଭି ଭି ରବିକୁମାର , ମୁଖ୍ୟବକ୍ତା ଭାବେ ଡକ୍ଟର ସୁନୀଲ କୋଟା ବିଶିଷ୍ଟ ଡାଇବେଟିସ ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ରୋଲାଣ୍ଡ ଫାର୍ମାସୀ କଲେଜର ଉପ ଅଧ୍ୟକ୍ଷ ସିଏଚ ନିରଞ୍ଜନ ପାତ୍ର , ଓମ ସାଇ ଫାର୍ମାସି କଲେଜର ଅଧ୍ୟକ୍ଷ ଭଗବାନ ବିଶ୍ୱାଳ , ରିପୋନୋଭା କ୍ଲବ ସଂଯୋଜକ ରବି ନାରାୟଣ ରଣା ,ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜର ଫାର୍ମାସୀ ଅଫିସର ସଂଘର ସଭାପତି ସୀମାଂଚଳ ସାହୁ ପୂର୍ବତନ ସଭାପତି ସରୋଜ କୁମାର ଜେନା ଏବଂ ଷ୍ଟୋର୍ ଫାର୍ମାସୀ ଅଫିସର ମଳୟ କୁମାର ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ବ୍ରହ୍ମପୁର ବରିଷ୍ଠ ଡାକ୍ତର ଏଣ୍ଡୋକ୍ରାଇନୋଲୋଜିଷ୍ଟ ସୁନୀଲ କୁମାର କୋଟା ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ପାଇଁ ମାର୍ଗଦର୍ଶନ କରାଇଥିଲେ। ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରୋଲାଣ୍ଡ ଫାର୍ମାସୀ କଲେଜର ଶେଷ ବର୍ଷର ଛାତ୍ର ରଶ୍ମିରଞ୍ଜନ ସାହୁ ପ୍ରଥମ, ସ୍ନେହାଶିଷ ସାହୁ ଦ୍ୱିତୀୟ ଏବଂ ସ୍ମୃତି ପାଢ଼ୀ ତୃତୀୟ ହୋଇଥିଲେ। ରୋଲାଣ୍ଡ ଫାର୍ମାସୀ କଲେଜ ସହିତ ବିଭିନ୍ନ ଫାର୍ମାସୀ କଲେଜରୁ ପାଖାପାଖି ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ପାଇଁ ଶପଥ ଗ୍ରହଣକରିଥିଲେ। ସୀମାଂଚଳ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ଗୋପାଳପୁର ବେଳାଭୂମିର ଚତୁଃପାର୍ଶ୍ୱରେ ଥିବା ପ୍ଲାଷ୍ଟିକ ସଂଗ୍ରହ ସହିତ ବେଳାଭୂମିର ସଫେଇ କରିଥିଲେ। ରୋଲାଣ୍ଡ ଫାର୍ମାସୀ କଲେଜର ରିପୋନୋଭା କ୍ଲବର ସଭାପତି ରଶ୍ମିରଞ୍ଜନ ସାହୁ, ରିପୋନୋଭା କ୍ଲବ ଉପସଭାପତି ଶଶାଙ୍କ ଶେଖର ପଣ୍ଡା ଏବଂ ସମ୍ପାଦକ ପ୍ରଣବ କୋଇଲା , ଅଙ୍ଗନ ବାଲ , ଆଶୁତୋଷ ନେପକ ଓ ସ୍ୱାଗତିକା ଦାସ ଉପସ୍ଥିତ ଥିଲେ। ସାରା ହସପିଟାଲ ଓ ପୂଜା ହେଲଥକେୟାର୍ ସହଯୋଗ କରିଥିଲେ ।


ଅତିଥିମାନେ ପରିବେଶ ସୁରକ୍ଷା ପାଇଁ ଶପଥ ନେଉଛନ୍ତି।

## ଏବିଭିପି ପାଳିଲା ଯୁବ ଦିବସ

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦ୍ୱାରା ପାଳିତ ହୋଇଯାଇଛି। ରାଜ୍ୟ ସାମାଜିକ ଗଣ ମାଧ୍ୟମ ସଂଯୋଜକ ସୁନୀଲ କୁମାରଙ୍କ ସଂଯୋଜନା କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଭଞ୍ଜବିହାର ଶାଖା ସମିତିର ମାର୍ଗଦର୍ଶକ ସ୍ୱସ୍ତି ସୁନ୍ଦର ସିଅ ବିବେକାନନ୍ଦଙ୍କ ଜୀବନୀ ଆଲୋଚନା କରିଥିଲେ। ସଭାପତି ରାଜ କିଶୋର ପ୍ରଧାନ ଓ ସମ୍ପାଦକ ରାଧା ମୋହନ ପଣ୍ଡା ଭଞ୍ଜବିହାର ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସହ ସମ୍ପାଦକ ସାଇରାମ, ଉପସଭାପତି ସୌମ୍ୟାଶଶି ଗିରି , ଶିବାନନ୍ଦ ସାହୁ ସହଯୋଗ କରିଥିଲେ।

## ଇନଷ୍ଟାଗ୍ରାମ ଲାଇଭକୁ ନେଇ ଦୋକାନ କର୍ମଚାରୀଙ୍କୁ ଆକ୍ରମଣ

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ଇନଷ୍ଟାଗ୍ରାମରେ ଲାଇଭ କରିବାକୁ ନେଇ ଜଣେ ଦୋକାନ କର୍ମଚାରୀଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଛି । ଏ ନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୨୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସଦର ଥାନା ଅନ୍ତର୍ଗତ ଗୁଣ୍ଡିବନ୍ଧର ନନ୍ଦନ ସାହୁ (୨୦) ରାଜା ସାହି ପରିବା ମାର୍କେଟ ନିକଟରେ ଥିବା ଏକ ଦୋକାନରେ କାମ କରୁଛନ୍ତି । କିଛି ଦିନ ତଳେ ସେ ଇନଷ୍ଟାଗ୍ରାମରେ ଏକ ବିଷୟକୁ ନେଇ ଲାଇଭ କରିଥିଲେ । ତାହାକୁ କେନ୍ଦ୍ର କରି କିଛି ଯୁବକ ଦୋକାନ ନିକଟରେ ପହଞ୍ଚି ନନ୍ଦନଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେହି ଯୁବକମାନେ ତାଙ୍କ ମୁଣ୍ଡ ଉପରକୁ ସେଠାରେ ଖଣ୍ଡା ଚୋଟ ପକାଇବା ବେଳେ ସେ ତାଙ୍କ ମୁଣ୍ଡ ଉପରେ ହାତ ରଖିଥିଲେ। ନନ୍ଦନଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ଏହାପରେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ଆହତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଆକ୍ରମଣକାରୀଙ୍କୁ କାବୁ କରିବାକୁ ଚେଷ୍ଟା ଜାରି ରଖିଛି ।

# ୧୮ ସାରସ୍ୱତ ସାଧକଙ୍କୁ ବିକ୍ଷିପ୍ତା ସମ୍ମାନ

ବ୍ରହ୍ମପୁର,୧୩।୧(ସ୍ମୃତି ରଞ୍ଜନ ମହାଲିକ)

ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡ.ଶ୍ୟାମା ପ୍ରସାଦ ମିଶ୍ର ପରିଚାଳନା ଓ ଯୁବକବି ସୁପ୍ରଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କବି ଗୌରୀପତି ଦାଶ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ମନ୍ମଥ ପାଢ଼ୀ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ମେଜର ରମା ରମଣ ପାଢ଼ୀ, ଅନ୍ୟତମ ଅତିଥି ରୂପେ ସାହିତ୍ୟିକ ସୁବାସ ମହାରଣା, ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ଦାଶ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ନିଳାଞ୍ଚଳ ମୁନୀ, ବି ଗୋବିନ୍ଦ ରାଓ ଏବଂ ଆଲୋଚକ ଭାବେ ସାମନ୍ତିଆପଲ୍ଲୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ ଅଶୋକ କୁମାର ପଣ୍ଡା ଓ ବିବେକାନନ୍ଦ ସଂସ୍କୃତି ମେଳାର ସଂଯୋଜକ ମିହିର ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗଜପତି, ରାୟଗଡ଼ା ଓ ଗଞ୍ଜାମ ଜିଲାର ୧୮ ଜଣ ସାରସ୍ୱତ ସାଧକଙ୍କୁ ବିକ୍ଷିପ୍ତା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କବି ମନୋଜ କୁମାର ଭୋଇଙ୍କ ଓଡ଼ିଆ କବିତା ସଙ୍କଳନ ପରିଭାଷା, ଛାତ୍ରୀ ଶୁଭସ୍ମିତା ପଣ୍ଡାଙ୍କ ଇଂରାଜୀ ଗଳ୍ପ ସଙ୍କଳନ କ୍ରୋନିକଲ ଚାଇମସ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ବ୍ରହ୍ମପୁର ଶାଖାର ଶୁଭାରମ୍ଭ ହୋଇଥିଲା। ବିକ୍ଷିପ୍ତାର ଅନ୍ୟତମ ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ପାଢି, କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଯନ୍ତ୍ରୀ ଇଂ .ପ୍ରସନ୍ନ କୁମାର ଦାଶ, ସହ ସମ୍ପାଦକ ସୁନୀଲ କୁମାର ପ୍ରଧାନ, କଳ୍ପନା ପ୍ରଧାନ, ଶ୍ୱେତାସ୍ମିନି ପଣ୍ଡା ଓ ମୋନାଲିସା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଞ୍ଜବିହାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ବ୍ରହ୍ମପୁର,୧୩।୧(ସ୍ୱାଧୀନଶେଖରପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଡଃ ସନ୍ଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ଦିବସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା କ୍ରୀଡା ପରିଷଦ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜନ ହୋଇଥିଲା। ବ୍ରହ୍ମପୁର କ୍ରୀଡା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ସମ୍ମାନନୀୟ ଅତିଥି ଭାବେ ରବି ଚରଣ ମିଶ୍ର କାର୍ଯକ୍ରମକୁ ଉଦଘାଟନ କରି କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୩୦ ,ମହିଳା ବିଭାଗରେ ୧୨ ଓ ଶିଶୁ ବିଭାଗରେ ୯ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ପୁରୁଷ ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଜ୍ଞାନ ବିଭାଗର ନରେଶ କାରକାରିୟା ଚାମ୍ପିୟନ ହୋଇଥିବା ବେଳେ ରନର୍ସ ଅପ ଭାବେ ଏମବିଏ ବିଭାଗର ପର୍ଶୁରାମ ପାଢ଼ୀ, ମହିଳା ବର୍ଗରେ ଏମସିଏ ବିଭାଗର ଶୁଭସ୍ମିତା ଶବର ଚାମ୍ପିୟନ ଓ ରନର୍ସ ଭାବେ ଅର୍ଥନୀତି ବିଜ୍ଞାନ ବିଭାଗର ଲକ୍ଷ୍ମୀପ୍ରିୟା ପ୍ରଧାନ, ଶିଶୁ ବର୍ଗରେ ବ୍ରହ୍ମପୁର କେ ସି ପବ୍ଲିକ ସ୍କୁଲର ଆଦିତ୍ୟ ପ୍ରସାଦ ସାହୁ ପ୍ରଥମ, ବ୍ରହ୍ମପୁର ନ୍ୟୁ ଡି ପଲ ସ୍କୁଲର ସ୍ନେହାଂଶୁ ଶତପଥୀ ଦ୍ୱିତୀୟ ଓ ବ୍ରହ୍ମପୁର କେ ସି ପବ୍ଲିକ ସ୍କୁଲର ନୈତିକ ରାଜ ଗୌଡ ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭଞ୍ଜବିହାର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ବିଭାଗୀୟ ମୁଖ୍ୟ ଡ଼ ବନ୍ଦିତା କୁମାରୀ ପଣ୍ଡା ମୁଖ୍ୟ ଅତିଥି, ସେହି ବିଭାଗର ଡ଼. ନେହା ପାଣ୍ଡେ, ଡ଼. ଚିନୁ ବହିଦାର ଯୋଗଦେଇ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବପିଢିଙ୍କୁ ବିବେକାନନ୍ଦ ଆଦର୍ଶରେ ଅନୁପ୍ରାଣିତ ହେବା ସହ କ୍ରୀଡାରେ ମନୋନିବେଶ କରି ନିଜକୁ ସୁସ୍ଥ ରଖିବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ କବିରାଜ ଗୌଡ ସଭା ପରିଚାଳନା କରିବା ସହ ଅତିଥି ପରିଚୟ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ରାଜେଶ କୁମାର ମହାନ୍ତି, ମନୋଜ କୁମାର ଶତପଥି,ତପନ କୁମାର ସାହୁ, କାହ୍ନୁ ଚରଣ ପାଣିଗ୍ରାହୀ, ଧନେଶ୍ୱର ଦାସ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିର

ଚିକିଟି,୧୩।୧(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଗୃହରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିୟମ ଗଞ୍ଜାମ ସୁଧାଂଶୁ ଶେଖର ଭୋଇ, ଡେପୁଟି କଲେକ୍ଟର ଅଭିଷେକ ସାହୁ ଓ ସୂର୍ଯ୍ୟ ଶଙ୍କର ଦାସ, ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗିର, ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୬୭ଟି ଅଭିଯୋଗ ଶୁଣାଣି ମଧ୍ୟରୁ ୬୨ଜଣ ବ୍ୟକ୍ତିଗତ ଭାବେ ଓ ୫ ଜଣ ସାମୁହିକ ଭାବେ ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ୫ ଟିର ଅଭିଯୋଗ ସମାଧାନ କରାଯାଇଥିଲା। ଉକ୍ତ ଶିବିରରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଚିକିଟି ବିଡ଼ିଓ ଲକ୍ଷ୍ମମନ ସୋରେନ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, କ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆନନ୍ଦ ଉଲ୍ଲାସରେ ତେଲୁଗୁ ସମ୍ପ୍ରଦାୟ ପାଳିଲେ ଭୋଗୀ ଉତ୍ସବ

ବ୍ରହ୍ମପୁର,୧୩।୧(ସ୍ମୃତି ରଞ୍ଜନ ମହାଲିକ)

ତେଲୁଗୁ ସଂପ୍ରଦାୟର ଭୋଗୀ ପର୍ବ ଆନନ୍ଦ ଉଲ୍ଲାସର ସହ ସୋମବାର ପାଳିତ ହୋଇଯାଇଛି। ମହାନଗରର ଖାସ୍ୱା ସାହି, କାମ୍ପ ସାହି, ବଡ ବଜାର, ସାନ ବଜାର ସମେତ ବିଭିନ୍ନ ଅଂଚଳରେ ରହୁଥିବା ତେଲୁଗୁ ସଂପ୍ରଦାୟମାନେ ଆଡମ୍ବର ସହକାରେ ପୋଙ୍ଗଲ ପୂର୍ବ ଦିନରୁ ଭୋଗୀ ଉତ୍ସବ ପାଳନ କରିଛନ୍ତି। ତେଲୁଗୁ ସଂପ୍ରଦାୟ ପକ୍ଷରୁ ରବିବାର ଭୋର ୪ଟାରୁ ଏକାଠି ହୋଇ କାଠ ନିଆଁ ଜାଳିଥିଲେ। ଏଥିରେ ବନ୍ଧୁଜନ ଓ ପରିବାର ବର୍ଗ ଉପସ୍ଥିତ ରହି ନାଚ ଗୀତରେ ମସଗୁଲ ହୋଇଥିଲେ। ଭୋଗୀରେ ନବଗ୍ରହ ଶାନ୍ତି ଉଦ୍ଦେଶ୍ୟରେ ୯ଟି କାଠରେ ଘିଅ ଓ କର୍ପୂର ପକାଯାଇ ଅଗ୍ନି ସଂଯୋଗ କରାଯାଇଥାଏ। ଏହାଦ୍ୱାରା ବିଶ୍ୱବାସୀଙ୍କ କଲ୍ୟାଣ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିସହ ଯୁବତୀମାନେ ମିଳିତ ଭାବେ ଗୋବର, ଫୁଲ ଓ ଚନ୍ଦନ ଦେଇ ଶ୍ରୀକୃଷ୍ଣଙ୍କୁ ପୂଜା କରିଥାନ୍ତି। ଯାହାକୁ ଗୋବୁଲୁ ପୂଜା କୁହାଯାଏ। ସନ୍ଧ୍ୟାରେ ୫ ବର୍ଷର ଛୋଟ ଶିଶୁଙ୍କୁ ଏକାଠି କରି ସମସ୍ତ ପରିବାର ମିଳିତ ଭାବେ ଶିଶୁଙ୍କ ଉପରେ ଭୋଗୀ ପଲୁ ଅର୍ଥାତ ବରକୋଳି ପକାଇ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଶୁ କାମନା କରିଥାନ୍ତି। ତେବେ ଏଭଳି ପରମ୍ପରାକୁ ପାଳନ କରିବା ସହ ତେଲୁଗୁ ସଂପ୍ରଦାୟ ମଧ୍ୟରେ ଭାତୃତା ଭାବ ସୃଷ୍ଟି କରିବା ନେଇ ଦୀର୍ଘ ୧୨ ବର୍ଷ ଧରି ଆନ୍ଧ୍ର ଭାଷାବିଭରଧାନୀ ସମାଜମ ଓ ସହରର ଅନ୍ୟାନ୍ୟ ତେଲୁଗୁ ସଂଗଠନ ପକ୍ଷରୁ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି। ସଂଘ ପକ୍ଷରୁ ସଂକ୍ରାନ୍ତି ସମ୍ବରାଲୁ ଉତ୍ସବ ମାଧ୍ୟମରେ ସୋମବାର ଭୋଗୀ ଉତ୍ସବ ପାଳନ ହୋଇଥିଲା। କମିଟି ପକ୍ଷରୁ ପ୍ରଥମେ ଏସଏନଟି ରୋଡ ସ୍ଥିତ ସତ୍ୟ ନାରାୟଣ ସ୍ୱାମୀ ମନ୍ଦିରରୁ ଏକ ପୂର୍ଣ୍ଣ କୁମ୍ଭ ଶୋଭାଯାତ୍ରା ବାହାରି ଗିରି ମାର୍କେଟ ସ୍ଥିତ ପ୍ରକାଶମ ହଲ ନିକଟରେ ପହଂଚିଥିଲେ। ସେଠାରେ କୁମ୍ଭକୁ ସ୍ଥାପନ କରାଯାଇ ସଂକ୍ରାନ୍ତି ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରେ ଉପସ୍ଥିତ ତେଲୁଗୁ ସଂପ୍ରଦାୟଙ୍କ ପକ୍ଷରୁ କାଠରେ ପ୍ରସ୍ତୁତ ହୋଇଥିବା ଭୋଗିରେ ନିଆଁ ଲଗାଯାଇଥିଲା। ଏହାପରେ ଗୋବିଲୁ ପୂଜା କରାଯାଇଥିଲା। ପରେ ନୂଆ ଚାଉଳରେ କ୍ଷିରୀ କରାଯାଇ ତେଲୁଗୁ ସଂପ୍ରଦାୟ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପ୍ରକାଶମ ହଲ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ, ବିଏମସି ମେୟର ସଂଘମିତ୍ରା ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନ, ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଭାଜପା ରାଜ୍ୟ ପ୍ରଭାରୀ ଟି ଗୋପି, କର୍ପୋରେଟର ଆର ପାୱନୀ, ଡି କରୁଣାକର ଓ ଟି କିଶୋର ପାତ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ନୀଳକଣ୍ଠନଗରଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷକ ଭାବେ ଦକ୍ଷିଣ ଭାରତ ଚଳଚ୍ଚିତ୍ରର ଅଭିନେତା ପି ସାଇ କୁମାର ଯୋଗ ଦେଇଥିଲେ। ପରେ ତେଲୁଗୁ ସଂପ୍ରଦାୟ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସାଇ କୁମାରଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହରର ତେଲୁଗୁ ସଂପ୍ରଦାୟର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ପୋଙ୍ଗଲ ଉତ୍ସବ ପାଳିତ ହେବ। ତେଲୁଗୁ ସଂପ୍ରଦାୟ ନୂତନ ବସ୍ତ୍ର ପରିଧାନ କରି ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିବେ। ଏଥିସହ ନିଜ ଘରକୁ ଝିଅ ଓ ଜ୍ୱାଇଁଙ୍କୁ ଡକାଇ ସେମାନଙ୍କୁ ନୂତନ ବସ୍ତ୍ର ସହ ତାଙ୍କର ଚାହିଦା ମୁତାବକ ଦ୍ରବ୍ୟ ଉପହାର ଦେବା ପରମ୍ପରା ରହିଛି। ପୋଙ୍ଗଲ ପରଦିନ କାନୁମା ଉତ୍ସବ ପାଳନ କରାଯିବ। ଏହି ଦିନ ଗୋରୁ, ବଳଦ ଓ ପଶୁପକ୍ଷୀଙ୍କୁ ହଳଦୀ ଏବଂ କୁଙ୍କୁମ ପକାଇ ପୂଜା କରାଯିବ।


ତେଲୁଗୁ ସଂପ୍ରଦାୟ ପକ୍ଷରୁ ଭୋଗୀ ଉତ୍ସବ ପାଳନ।

## ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ

ବ୍ରହ୍ମପୁର,୧୩।୧(ସ୍ମୃତି ରଞ୍ଜନ ମହାଲିକ)

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ରାମ ପ୍ରସାଦ ପଟ୍ଟନାୟକ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ସଂପାଦକ ପ୍ରତାପ କୁମାର ନାୟକ, ଉପସଭାପତି ନରେଶ ପଟ୍ଟନାୟକଙ୍କ ସମେ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ।

## ସାହାସପୁରରେ ବିଦ୍ୟୁତ୍ ଭିଜିଲାନ୍ସ ଟିମ୍ ଅଧିକାରୀଙ୍କ ସମେତ ୫ ଅଟକ

ଦିଗପହଣ୍ଡି,୧୩।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ସାହାସପୁର ଗ୍ରାମରେ ବିଦ୍ୟୁତ୍ ଭିଜିଲାନ୍ସ ବିଭାଗ ଅଧିକାରୀମାନଙ୍କୁ ସୋମବାର ଗ୍ରାମବାସୀ ଅଟକ ରଖିଥିଲେ। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ଗ୍ରାମବାସୀଙ୍କ ସୂଚନା ପ୍ରକାରେ ପୂର୍ବରୁ ବିଦ୍ୟୁତ୍ ଭିଜିଲାନ୍ସ ବିଭାଗ ପକ୍ଷରୁ ବାରମ୍ବାର ଗ୍ରାମକୁ ଆସି ସାଧାରଣ ଗରିବ ଲୋକଙ୍କ ଘରେ ପଶି ମିଟରେ ଖରାପ ଅଛି କହି ଗ୍ରାମର ୮ ଜଣଙ୍କୁ ୧୫ ହଜାରରୁ ୨୦ ହଜାର ଟଙ୍କା ଲେଖାଏ ଜରିମାନା ପକାଇ ନୋଟିସ ଦେଇଥିଲେ। ସୋମବାର ପୁଣି ଥରେ ଏକ ବୋଲେରୋରେ ୭ ଜଣ ବିଭାଗୀୟ କର୍ମଚାରୀ ସାହାସପୁର ବଡ଼ସାହିରେ ପହଞ୍ଚି କେତେ ଜଣ ବ୍ୟକ୍ତିଙ୍କ ଘରେ ପଶି ଭିଡିଓ ଉତ୍ତୋଳନ କରିବା ସହ ବିଦ୍ୟୁତ୍ ମିଟର ଖରାପ ଅଛି କହି ଏହାର ସିଲ୍ ଭାଙ୍ଗିଥିଲେ। ଏହି ଖବର ପ୍ରଚାର ହେବାପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟୁତ୍ ଭିଜିଲାନ୍ସ ଟିମ୍‌କୁ

### ଉଦ୍ଧାର କଲା ପୋଲିସ

ଘେରି ଗ୍ରାମ ମଣ୍ଡପରେ ଅଟକ ରଖିଥିଲେ। ବିଭିନ୍ନ ସମୟରେ ବିଦ୍ୟୁତ୍ ମିଟର ଖରାପ ଅଛି କହି ଗ୍ରାମର ୭ ଜଣଙ୍କୁ ପୂର୍ବରୁ ଜରିମାନା ପକାଯାଇଛି। ସମ୍ପୃକ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କଠାରୁ ଜରିମାନା ଅସୁଲ ନ କରିବା ପାଇଁ ପ୍ରତିଶ୍ରୁତି ଦେଲେ ଅଟକ କର୍ମଚାରୀଙ୍କୁ ଛାଡ଼ିବେ ବୋଲି ଗ୍ରାମବାସୀ ଅଡି ବସିଥିଲେ। ପାଟପୁର ଥାନା ଏସ୍‌ଆଇ ଶ୍ରୀନିବାସ ଦାସ, ସରପଞ୍ଚ ସୁଶାନ୍ତ ସେଠୀ, ସମିତି ସଭ୍ୟ ପ୍ରତିନିଧି କୈଳାସ ପାତ୍ର ପ୍ରମୁଖ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବିଦ୍ୟୁତ୍ ଭିଜିଲାନ୍ସ ଟିମ୍ ଗ୍ରାମବାସୀଙ୍କୁ ଲିଖିତ ଭାବେ ନିଜର ଭୁଲ ସ୍ୱୀକାର କରି ଜରିମନା ଆଦାୟ କରାଯିବ ନାହିଁ ବୋଲି ଦେଇଥିଲେ। ଚଢାଉ ଧରପଗଡ ପୂର୍ବରୁ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଏବଂ ଗ୍ରାମର ମୁଖିଆଙ୍କ ଅନୁମତି ନିଆଯିବ ବୋଲି କହିବା ପରେ ଗ୍ରାମବାସୀ ଅଟକ ରଖିଥିବା କର୍ମଚାରୀଙ୍କୁ ଛାଡିଥିଲେ।

# ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ

ଖଲ୍ଲିକୋଟ/ ଛତ୍ରପୁର,୧୩।୧(ପ୍ରଶାନ୍ତ କୁମାର ମିଶ୍ର/ ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଖଲ୍ଲିକୋଟ ସହର ନିକଟ ଯୁବରାଜ ବଙ୍ଗଳାଠାରେ ସ୍ୱର୍ଗତ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସଭାପତି ଡା.ସାକେତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ସୂଚନା କମିଶନର ସୁନିଲ ମିଶ୍ର, ମୁଖ୍ୟବକ୍ତା ରୂପେ ପୂର୍ବତନ ଭାଷା ସାହିତ୍ୟ ନିର୍ଦ୍ଦେଶକ ପ୍ରଫୁଲ୍ଲ ରଥ ଓ ସମ୍ମାନିତ ଅତିଥି ଭାବେ ସୌମ୍ୟ ନାରାୟଣ ପାଣିଗ୍ରାହୀ, ହରିପଦ ଶତପଥୀ, ଦିଲ୍ଲୀପ ଦାଶ ଯୋଗ ଦେଇଥିଲେ। ଅତିଥିମାନେ ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ଦେଓଙ୍କ ଓଡ଼ିଶା ପାଇଁ ରହିଥିବା ଅବଦାନ ଉପରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ଆରମ୍ଭ କରି ଶିକ୍ଷା,ସଂସ୍କୃତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିଷଦ ଉପସଭାପତି ଚନ୍ଦ୍ରଶେଖର ପଟ୍ଟନାୟକ, ଅନନ୍ୟ ଉତ୍କଳର ଅଧ୍ୟକ୍ଷ ପ୍ରଭାତ ମିଶ୍ର ଉପସ୍ଥିତ ଥିଲେ। ଡାକ୍ତର ହରପ୍ରସାଦ ମହାପାତ୍ର ସ୍ୱାଗତ ସୂଚନା ଓ ସମ୍ପାଦକ ସୁଧାଂଶୁ ଶେଖର ସାହୁ ବିବରଣୀ ପାଠ କରିଥିଲେ। କେସି ପବ୍ଲିକ ସ୍କୁଲ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ଝୁଣ୍ଟିଆ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ରତ୍ନାକର ସାହୁ, ବରିଷ୍ଠ ଭାଜପା ନେତା ଅରୁଣ ପଣ୍ଡା, ଯୁବନେତା ଅଶୋକ ମହାକୁଡ଼, ଦୟାନିଧି ସାହୁଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ସେହିପରି ଛତ୍ରପୁରଠାରେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିମାନେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଭୂମିକା ଅତ୍ୟନ୍ତ ମହନୀୟ ଥିଲା। ଏଥିପାଇଁ ଏହି ମହାନ ବରପୁତ୍ର ଜନମାନସରେ ସଦାସ୍ମରଣୀୟ ହୋଇ ରହିଥିବେ ବୋଲି କହିଥିଲେ। ଛତ୍ରପୁରର ବରିଷ୍ଠ ନାଗରିକ ବ୍ରଜ ମୋହନ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସମ୍ପର୍କରେ କହିଥିଲେ। ଅ୨ନ୍ୟତମ ଅତିଥି କ୍ୟୁରେସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅରୁଣ ଶତପଥୀ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ଓଡିଆ ବକ୍ତୃତା ଓ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।


ଖଲ୍ଲିକୋଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

ଦାରିଙ୍ଗବାଡି,୧୩।୧(ଅରୁଣ ସାହୁ)

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଶନିବାରଠାରୁ ଆରମ୍ଭ ହୋଇଥିବା ଶୀତ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାର୍ଯ୍ୟକ୍ରମକୁ ଶିବାନନ୍ଦ ବାରିକ ଏବଂ ଲିଜା ସାହୁ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟିକା ଅଜୟନ୍ତୀ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ବାଲିଗୁଡ଼ା ଏସ୍‌ଡିପିଓ ରାମେନ୍ଦ୍ର ପ୍ରସାଦ, କୋଟଗଡ଼ ବ୍ଲକ ଅଧ୍ୟକ୍ଷା ପିଙ୍କି ପ୍ରଧାନ, ଶୀତ ମହୋତ୍ସବ କମିଟିର ସମ୍ପାଦକ ତଥା ବିଡିଓ ପ୍ରୀତିରଞ୍ଜନ ରଥ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ତଥା ତହସିଲଦାର ଶରତ ଶବର ପ୍ରମୁଖ ମଞ୍ଚାସିନ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଦାରିଙ୍ଗବାଡ଼ିର କଳାସଂସ୍କୃତି, ସାହିତ୍ୟ ପାରମ୍ପରିକ ଖାଦ୍ୟ, ପାରମ୍ପରିକ ଅଳଙ୍କାର, ଚଳଣି ଆଦିର ପୁନଃରୁଦ୍ଧାର ପାଇଁ ଏହି ମଞ୍ଚରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଦାରିଙ୍ଗବାଡ଼ିର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟସରକାର ଅଧିକା ଗୁରୁତ୍ୱ ପ୍ରଦାନ କରୁଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟରେ ଦାରିଙ୍ଗବାଡ଼ି ଶୀତ ପାଇଁ ପରିଚିତ ସାରା ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ଏହାର ପ୍ରକୃତି, ପରିବେଶ ଦେଖିବାକୁ ଅଧିକ ପସନ୍ଦ କରୁଥିବା କୁହାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଦାରିଙ୍ଗବାଡ଼ି ହୋଟେଲ ସଙ୍ଘ ଏବଂ ପ୍ରଶାସନ ପକ୍ଷରୁ ମିଳିତ ମେଲୋଡି ମଣ୍ଟୁ ଛୁରିଆଙ୍କ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମଣ୍ଟୁ ଛୁରିଆଙ୍କ ସମ୍ବଲପୁରିଆ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସେହିପରି କଟକ ଜିଲାର କଳାକାରଙ୍କ ଦ୍ୱାରା ଶୃଙ୍ଗାର ନୃତ୍ୟ, ପ୍ରିୟଙ୍କା ସାହୁଙ୍କ ଓଡ଼ିଶୀ ନୃତ୍ୟ, ଫୁଲବାଣୀ ବିଶିପଡ଼ାର ଲୋକକଳା, ସମେତ ପାରମ୍ପରିକ ଲୋକକଳା ଦର୍ଶକଙ୍କୁ ମନମୋହିଥିଲା। ଉଦଯାପନୀ ଦିବସରେ ବାଲିଗୁଡ଼ା ଏସ୍‌ଡିପିଓ ରାମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ଆଇଆଇସି କନକ କୁମାର ମାଝୀ ସଦଳବଳ ମହୋତ୍ସବ ପଡିଆରେ ଆଇନଶୃଙ୍ଖଳାର ତଦାରଖ କରିଥିଲେ। ମହୋତ୍ସବକୁ ଦରିଙ୍ଗବାଡ଼ିର ବଣିକ, ହୋଟେଲ ସଙ୍ଘ ସମେତ ବିଭିନ୍ନ ସଙ୍ଗଠନ ଖବରଦାତା ସଙ୍ଘ, ସ୍ଥାନୀୟ ଜନସାଧାରଣ ସରକାରୀ ଓ ସ୍ୱଚ୍ଛସେବୀ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

### ଶୀତ ମହୋତ୍ସବ ଉଦ୍‌ଯାପିତ

